# Akashvani, Sambalpur

## SAMBALPURI NEWS MORNING BULLETIN

## 22 February 2026 - 6.47- 6.52 am.

---

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ହାଇ ଲେବଲ୍ କ୍ଲିଅରାନ୍ସ ଅଥରିଟି ବୈଠକ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ୪୪ ନମ୍ବର୍ ଉଚ୍ଚସ୍ତରୀୟ ଅନୁମୋଦନ୍ କର୍ତୃପକ୍ଷ ବୈଠକ୍‌ଥି ଗଲାକାଏଲ୍ ୪୪ ହଜାର୍ ୨ ଶହ କୋଟି ଟଙ୍କାର୍ ୧୦ ଟା ପ୍ରକଳ୍ପକେ ମଞ୍ଜୁରୀ ମିଳିଛେ । ଇ ପ୍ରକଳ୍ପ ସବୁ ଦେବ୍‌ଗଡ଼୍, କଲାହାଣ୍ଡି ସହେତେ ୮ ଟା ଜିଲ୍ଲା ନ ସ୍ଥାପିତ୍ ହେବା ଆଉ ୯ ହଜାର୍ ନିଯୁକ୍ତି ତିଆର୍ କର୍‌ବା ବଲି ଜନାପଡ଼ିଛେ । ସେମି କଣ୍ଡକ୍ଟର୍, ରେୟାର୍ ଆର୍ଥ, ଅଟୋମୋବାଇଲ୍, ସିମେଂଟ୍, ଟେଲିକମ୍ ଆଉ ନବୀକରଣୀୟ ଶକ୍ତିକ୍ଷେତ୍ରଥି ନିବେଶ୍‌କେ ଜୋର୍ ଦିଆଯାଇଛେ । ଇ ଅବ୍‌ସରେ ପୁଞ୍ଜି ଆକର୍ଷଣ୍ ଆଉ ପ୍ରକଳ୍ପ ମାନ୍‌କୁ ଜଲ୍‌ଦି କାର୍ଯ୍ୟକାରୀ କର୍‌ବାର୍ ଲାଗି ୩ ସୂତ୍ରୀ ଏକ୍ସନ୍ ପ୍ଲାନ୍‌କେ ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଗଲା ୧୬ ତାରିଖ୍‌ନୁ ମୁଲ୍ ହେଇଥିବା ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬ ଗଲାକାଏଲ୍

ଉଦ୍‌ଯାପିତ ହେଇଯାଇଛେ । ସମ୍ମଲନୀଥି ଶହେ ନୁ ଅଏତ୍‌କା ଦେଶର୍ ପ୍ରତିନିଧି, ନବସୃଜନକାରୀ, ଉଦ୍ୟୋଗୀ, ନୀତିନିର୍ଦ୍ଧାରକ ଏକଠାନିଆ ହେଇଥିଲେ । ପ୍ରଦର୍ଶନୀକେ ୫ ଲାଖ୍ ନୁ ଅଏତ୍‌କା ଲୋକ୍ ପରିଦର୍ଶନ୍ କରିଛନ୍ । ପ୍ରଦର୍ଶନୀ ଅବ୍‌ସରେ ଭିନ୍ ଭିନ୍ ଆଲୋଚନା ଆଉ କର୍ମଶାଳା ଭିଲ୍ ହେଇଛେ । ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଆଉ ପ୍ରଦର୍ଶନୀର୍ ସଫଲ୍ ଆୟୋଜନ୍ ବିଶ୍ୱ କୃତିମ ବୁଦ୍ଧିମତା କ୍ଷେତ୍ରଥି ସହଯୋଗ୍ ଆଉ ଦାୟିତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ବିକାଶ୍ ଲାଗି ଗୁଟେ ମୁଖିଆ କେନ୍ଦ୍ର ଭାବେ ଭାରତ୍‌ର ଥିତିକେ ବର୍‌କସ୍ କରିଛେ ।

ମୁଖ୍ୟ ଶାସନ୍ ସଚିବ-ଟାସ୍କଫୋର୍ସ ବୈଠକ୍     ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଭିତିଭୂମି ଉନ୍ନୟନ୍ ପ୍ରକଳ୍ପ କାର୍ଯ୍ୟକାରିତା ବାବଦ୍ ୬ ନମ୍ବର୍ ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପ୍ରଗତିର ମୁଖିଆ ଭିତିଭୂମି ପ୍ରକଳ୍ପ ମାନ୍‌କର୍ କାମ୍‌ର ଅଗ୍ରଗତି

ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଇ ଅବ୍‌ସରେ ନିର୍ମାଣ ଚାଲିଥିବା ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ସଡ଼କ୍ ଭିତିଭୂମି ସହେତେ ଜାତୀୟ ରାଜପଥ ପ୍ରକଳ୍ପ, ଶିଳ୍ପ, ଜଲ୍‌ସମ୍ପଦ୍ ବିଭାଗ୍ ବାବଦ୍ ବୃହତ୍ ପ୍ରକଳ୍ପ ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରାଯାଇଥିଲା ।

ସର୍‌କାରୀ କାମ୍‌କାଜ୍- ଓଡ଼ିଆ ଭାଷା ଆଇ.ଆଣ୍ଡ୍.ପି.ଆର୍

ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ବଢ଼ାବାର୍ ଉଦ୍ଧେଶ୍‌ଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ସଂସ୍କୃତି ଭବନ୍ ନ ୨ ଦିନିଆ ପ୍ରଶିକ୍ଷଣ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି ୧୩ ଟା ବିଭାଗ୍‌ର ଶହେ ଝନ୍ ସର୍‌କାରୀ ଅଧିକାରୀ ଯୋଗ୍ ଦେଇକରି ଓଡ଼ିଆ ଭାଷାଥି ଚିଠି, ଟିପ୍ପଣୀ, ଆଦେଶ୍‌ନାମା ପ୍ରସ୍ତୁତି ଆଉ ପ୍ରଶାସନିକ୍ କାମ୍ ସମ୍ପାଦନ୍ ବାବ୍‌ଦେ ପ୍ରଶିକ୍ଷଣ୍ ନେଇଛନ୍ । ଶିବିର୍ ଶେଷ୍ ହେବାର୍ ଉତ୍‌ରୁ ସବୁ ପ୍ରଶିକ୍ଷାର୍ଥୀମାନ୍‌କୁ ମାନପତ୍ର ଦିଆଯାଇଛେ ।

ଅଭିଲେଖ ସପ୍ତାହ ଉସବ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଶା ରାଜ୍ୟ ଅଭିଲେଖାଗାର ନ ଅଭିଲେଖ ସପ୍ତାହ ଉତ୍ସବ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ପୁରାତନ୍ ମାନଚିତ୍ରର୍ ଅଭିଲେଖ ପ୍ରଦର୍ଶନୀର୍ ଭିଲ୍ ଉଦ୍‌ଘାଟନ୍ କରାଯାଇଛେ । ଯେନ୍‌ଟା ଆଏବା ୨୭ ତାରିଖ୍‌ତକ୍ ସାଧାରଣ୍ ଲୁକଙ୍କର୍ ଦେଖିବାର୍ ଲାଗି ଖୁଲା ରହେବା । ଇତାର୍‌ସହେତେ ଇତିହାସ୍ ପୁନଃନିର୍ମାଣଥି ଅଭିଲେଖର୍ ଗୁରୁତ୍ୱ ବାବ୍‌ଦେ ଗୁଟେ ଆଲୋଚନାଚକ୍ର ଭିଲ୍ ହେଇଯାଇଛେ ।

ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ଗଲା ୭ ଦିନ୍ ହେଲା ଚାଲିଥିବା ସୁଭଦ୍ରା ଶକ୍ତିମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମେଳାଥି ୧ କୋଟି ୪୫ ଲାଖ୍ ୪୪ ହଜାର୍ ୫ ଶହ ୭୦ ଟଙ୍କାର୍ ବେପାର୍ ହେଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ବର୍ଗଥି ଭଲ୍ ପ୍ରଦର୍ଶନ୍ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ବଛାଯାଇକରି ପୁରସ୍କୃତ କରାଯାଇଥିଲା ।

ବାଲ୍ୟବିବାହ ନିରାକରଣ୍ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ସହରର୍ ମହିଳା ଉଚ୍ଚ ମାଧମିକ ବିଦ୍ୟାଲୟ ନ ବାଲ୍ୟବିବାହ ନିରାକରଣ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପ୍ରାଧିକରଣ୍‌ର ସଚିବଙ୍କର୍ ସହେତେ ମହିଳା ସୁରକ୍ଷା ଅଧିକାରୀ ଆଉ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ଜିଲ୍ଲା ନ ବାଲ୍ୟବିବାହ କେନ୍ତାକରି ପୁରାପୁରି ରୁକାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଥିଲେ ।

ଇଙ୍କ୍‌ଫେଷ୍ଟ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ରୟାଲ୍ ପଡ଼ିଆନ ଚାଲିଥିବା ଜିଲ୍ଲା ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟ-୨୦୨୬ ର ୮ ନମ୍ବର୍ ଦିନେ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ପାଳିତ୍ ହେଇଯାଇଛେ । ନାଟ୍ୟଶ୍ରୀ ଗଦାଧର୍ ବାରିକଙ୍କର୍ ସଭାପତିତ୍ୱଥି ହେଇଥିବା ସଭାଥି ପଦ୍ମଶ୍ରୀ ଶ୍ରୀନିବାସ୍ ଉଦ୍‌ଗାତାଙ୍କୁ ଇଙ୍କ୍‌ଫେଷ୍ଟ୍ ସୃଜନ ସମ୍ମାନ୍ ୨୦୨୬ ଆଉ ନାଟ୍ୟଭୂଷଣ୍ ଜଗଦାନନ୍ଦ

ଛୁରିଆଙ୍କୁ ଇଙ୍କ୍‌ଫେଷ୍ଟ ସଂସ୍କୃତି ସମ୍ମାନ୍ -୨୦୨୬ ଥି ସମ୍ମାନିତ୍ କରାଯାଇଥିଲା ।

ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ ଆର୍‌ଏନ୍‌ୟୁ/ ସମ୍ବଲପୁର

ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍ କ୍ରିକେଟ୍‌ର ସୁପର୍ -୮ ଥି ଆଏଜ୍ ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ ମେଚ୍ ଖେଲାଯିବା । ଅହମଦାବାଦ୍‌ର ନରେନ୍ଦ୍ରମୋଦୀ ଷ୍ଟାଡ଼ିୟମ୍ ନ ସଞ୍ଜବେଲର୍ ୭ ବଜେ ମେଚ୍ ହେବା ।
ସେଆଡ଼େ ଗ୍ରୁପ୍ ବି ଥି ଶ୍ରୀଲଙ୍କା ଆଉ ଇଂଲଣ୍ଡ୍ ଭିତ୍‌ରେ ଉପର୍‌ବେଲା ୩ ବଜେ ମେଚ୍ ଖେଲାଯିବା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର
ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨/୩ ଦିନ୍ ଭିତ୍‌ରେ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।